ଅଟୋ ଓଲଟି, ଛାତ୍ର ମୃତ

ପାତ୍ରପୁର,୧୪।୪(ଅନୁପମ ମିଡ଼ିଆ): କେ. ନୂଆଗାଁ ଥାନା ବିରମେଖପୁର – ରାଜପୁର ରାସ୍ତା ମଧ୍ୟରେ ଏକ ଅଟୋ ଭାରସ୍ୟାମ ହରାଇ ଓଲଟି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ଦୁର୍ଘଟଣାରେ ଜଣେ ଛାତ୍ରର ମୃତ୍ୟୁ ବରଣ ହୋଇଥିବା ସୂଚନା ମିଳିଛି। ମୃତ ଛାତ୍ର ଜଣକ ହେଲେ ଜରଡ଼ା ଥାନା ତଣ୍ଡିପୁର ପଞ୍ଚାୟତ ଅନ୍ତର୍ଗତ ଢୁଙ୍ଗୁରୁଗୁଡ଼ା ଗ୍ରାମର ଅନିଲ ମହାରଣାଙ୍କ ପୁଅ ଶୁଭଙ୍କର ମହାରଣା(୧୩)। ସୂଚନା ମୁତାବକ ଶୁଭଙ୍କର ନିଜ ମଉସା ଘରେ ରହି ଦିଗପହଣ୍ଡି ସସରସ୍ୱତୀ ନଗରରେ ସପ୍ତମ ଶ୍ରେଣୀରେ ପଢୁଥିଲେ । ଗ୍ରାମ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିବା ପାଇଁ ନିଜ ପାଠ୍ୟ ପୁସ୍ତକ ସହ ଗ୍ରାମକୁ ମାଉସଙ୍କ ସହ ଓଟ ଯୋଗେ ଆସୁଥୁଲେ । ବିରମେଖପୁର ନିକଟରେ ଭାରସ୍ୟାମ ହରାଇ ଓଲଟି ପଡିଥିଲା । ସ୍ଥାନୀୟ ଯୁବକ ମାନେ ଉଦ୍ଧାର କରି ପ୍ରଥମେ ଟିକିଟି ପରେ ବ୍ରହ୍ମପୁର ମେଡିକାଲ ପଠାଇଥିଲେ । ବ୍ରହ୍ମପୁର ର ଡାକ୍ତର ମୃତ ଘୋଷଣା କରିଥିଲେ।

କାର୍ ଧକ୍କାରେ ମାମୁ, ଭଣଜା ଗୁରୁତର

ଦିଗପହଣ୍ଡି,୧୪।୪(ଅନୁପମ ମିଡିଆ): ଦିଗପହଣ୍ଡି ମୁଖ୍ୟରାସ୍ତା ପୁଞ୍ଜିକଂୟା ଛକ ନିକଟ ରେ ମଙ୍ଗଳବାର ଅପରାହ୍ନରେ ଏକ କାର (ନଂ. ଓଡ଼ି୦୭ବିସି –୧୬୯୦) ଧକ୍କାରେ ସାନଖେମୁଣ୍ଡି ବ୍ଲକ ଚୁଡୁଙ୍ଗପୁର ଗ୍ରାମର ଉପେନ୍ଦ୍ର ନାଇକ(୫୦) ଏବଂ ତାଙ୍କ ଭଣଜା କ୍ଷେତ୍ରମଣି ନାଇକ(୩୦) ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡିରେ କାମସାରି ଉପେନ୍ଦ୍ର ଏବଂ କ୍ଷେତ୍ରମଣି ବାଇକ (ନଂ. ଓଆର ୦୭ୟୁ – ୪୫୨୯) ଯୋଗେ ଗାଁ କୁ ଫେରୁଥିବା ବେଳେ ବ୍ରହ୍ମପୁରରୁ ଭାୟା ଦିଗପହଣ୍ଡି ଦେଇ ଗଜପତି ଜିଲା ମୋହନା ଅଭିମୁଖେ ଯାଉଥିବା କାର ଟି ବାଇକ ର ପଛପଟୁ ଧକ୍କା ଦେବାରୁ ଉଭୟେ ମାମୁ, ଭଣଜା ବାଇକ ସହ ରାସ୍ତାଉପରେ କଚାଡି ହୋଇ ପଡ଼ିଯାଇଥିଲେ। ଖବର ପାଇ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ କୁ ଜବତ କରି ଥାନାକୁ ନେଇଛନ୍ତି।

ପୋଲସରାରେ ମାସନ୍ତ ଓ ସଂକ୍ରାନ୍ତି ମେରୁ ପର୍ବ ଉଦଯାପିତ

ପୋଲସରା,୧୪।୪(ଅନୁପମ ମିଡ଼ିଆ): ଜିଲ୍ଲାର ପ୍ରସିଦ୍ଧ ଦଣ୍ଡ ନାଚର ମାସନ୍ତ ଓ ସଂକ୍ରାନ୍ତି ମେରୁ ପର୍ବ ଉଦଯାପିତ ହୋଇଯାଇଛି। ଆଜି ସମସ୍ତ ଦଣ୍ଡକାଳି ମନ୍ଦିର ଆଗରେ ଭକ୍ତିମୟ ପରିବେଶ ମଧ୍ୟରେ ମାସନ୍ତ ଓ ସଂକ୍ରାନ୍ତି ମେରୁ ପର୍ବ ସମାପନ ହୋଇଥିଲା। ଆଜି ସକାଳ ସମୟରୁ ମା' କାଳୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ମେରୁ ମଣ୍ଡପ ଠାରେ ପୂଜା, ହୋମ, ଆରତୀ, ପୁଷ୍ପାଞ୍ଜଳି, ଆଦି ପଣ୍ଡିତ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହା ପରେ ଦଣ୍ଡୁଆ ମାନେ ସକାଳୁ ସହର ପରିକ୍ରମା ପରେ ଧୂଳି ଦଣ୍ଡ ଶେଷ କରି ପାଣି ଦଣ୍ଡକୁ ଯାଇଥିଲେ ଓ ସେଠାରୁ ଅଗ୍ନି ଦଣ୍ଡ ଖେଳି ମେରୁ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ପ୍ରତି ଦଣ୍ଡୁଆଙ୍କ ଦ୍ୱାରା ମେରୁ ପର୍ବର ସମସ୍ତ କାର୍ଯ୍ୟ ରୀତିନୀତି ଅନୁସାରେ ହୋଇଥିବା ବେଳେ ସଂଧ୍ୟାରେ ଆରତୀ, ପଣା ଭୋଗ ପରେ କାଳୀ ଶ୍ରୀ ବିଜେ ଚଢ଼େୟା ଚଢ଼େୟାଣୀ ନୃତ୍ୟ ଦଣ୍ଡ ଚରିତ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ସମାପନ ହୋଇଥିଲା। ପୋଲସରା ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ମଥୁରା ୨ ଦଳ ତଥା ଦକ୍ଷିଣକାଳୀ ପୁରୁଣା, ଦକ୍ଷିଣ କାଳୀ ନୂଆଁ, ରୁଖାକଣା, ହାଡାଓଟ, ରୁମାଗଡ, ଜେମାଦେଇପୁର, ସୋଡକ, ଢୁଙ୍କାପଡା, ଚିରିକିପଡ଼ା ଶାସନ, ମାଳ ତେନ୍ତୁଳିଆ, ବିଲେଇଝୁରୀ, ଖଇଖତ, ତିରିବିରି, ପାଟିଗଡ, ପୋଲସରାର ଦକ୍ଷିଣକାଳୀ, ଉତ୍ତରା କାଳୀ, ପାଟିଗଡ଼ ସମେତ ଅନ୍ୟ ଗ୍ରାମ ମାନଙ୍କରେ ଦଣ୍ଡଯାତ୍ରା ହୋଇଛି। ଆଜି ସହରରେ ସତ୍ୟସାଇ ସେବା ସମିତି, ସ୍କାଉଟ ଗାଇଡ, ମାଛ ମାର୍କେଟ, ମିଲ ସାହିଛକ, ଗୋପବନ୍ଧୁ ହାଇସ୍କୁଲ ଛକ, ବ୍ଲକ ଛକ, ଏନ୍ ଏ ସି,ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଚଲା, ନବାତ ପଣା ବଣ୍ଟନ କରିଥିଲେ।

ସଂଘବଦ୍ଧ ଆକ୍ରମଣରେ ପାଞ୍ଚ ଗିରଫ , ଦୁଇ ବାଇକ ଜବତ

ଆସିକା,୧୪।୪(ଅନୁପମ ମିଡ଼ିଆ): ଆସିକା ଥାନା ଇଲାକାର ମଙ୍ଗଳପୁର ଗ୍ରାମରେ ଗ୍ରାମ କୋଠଘର ବିବାଦକୁ ନେଇ ଗଣ୍ଡଗୋଳ ଘଟଣାରେ ପାଞ୍ଚ ଗିରଫ ସହ ଦୁଇ ବାଇକ ଜବତ ହୋଇଥିବା ପୋଲିସ ଠାରୁ ସୂଚନା ମିଳିଛି । କିଛି ବର୍ଷ ହେବ ଗ୍ରାମର ଚନ୍ଦ୍ରମଣି ଡାକୁଆଙ୍କ ନିଜ ବାସଗୃହ ନଥିବା ଯୋଗୁଁ ଗ୍ରାମ କୋଠ ଘରେ ନିଜ ପରିବାର ରହି ଆସୁଥିଲେ। ମଙ୍ଗଳପୁର ଗ୍ରାମବାସୀ ଉକ୍ତ କୋଠ ଘରକୁ ଖାଲି କରିବା ପାଇଁ ଆସିକା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତି କରି ଆସିକା ତହସିଲଦାର ସଂଗୀତା ସେଣ ଉକ୍ତ କୋଠ ଘର ସିଲ କରିଥିଲେ। କୋଠ ଘର ସିଲ କରିବା ଘଟଣା ଉତକ୍ଷିପ୍ତ ହୋଇ ବାପା ଚନ୍ଦ୍ରମଣି ଡାକୁଆ ପୁଅ କାନ୍ହୁଚରଣ ଡାକୁଆ ସାହି ବାସୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ସମସ୍ତଙ୍କୁ ଜୀବନରୁ ମାରି ଦେବାକୁ ଧମକ ଚମକ ଦେଇଆସୁଥିଲେ। ଗତକାଲି ରାତ୍ରିରେ ଚନ୍ଦ୍ରମଣି ଡାକୁଆଙ୍କ ତିନି ପୁଅ ସିଲୁ ଡାକୁଆ (୨୮), ଜଗନ୍ନାଥ ଡାକୁଆ(୨୩), ବଳରାମ ଡାକୁଆ (୨୩)ଦୁଇଟି ମୋଟର ସାଇକେଲ ଓଡ଼ି ୩୨ବି ୭୬୩୭, ଓଡ଼ି ୩୨ ଏଚ ୩୧୧୪ ରେ ଆସି ଗ୍ରାମର ପନ୍ଦରା ସାହିର ରୋହିତ ନାଇକ (୩୫) ଓ ତାଙ୍କ ଭାଇ ଅମୁଲ୍ୟ ନାୟକଙ୍କ ଘରେ ପଶି ଏକ ଲୁହା ଶାବଳ, ଲୁହା ରଡ଼ ଦ୍ୱାରା ଜୀବନରୁ ମାରିଦେବା ଉଦେଶ୍ୟରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଏଥିରେ ପ୍ରତିବାଦ କରିବାରୁ ରୋହିତ ନାୟକ ରେ ଭାଇ ପ୍ରସନ୍ନ ନାୟକ ଓ ଭଉଣୀ ଗାୟତ୍ରୀ ନାୟକ ମଧ୍ୟ ଆକ୍ରମଣ ଶିକାର ହୋଇଥିଲେ । ଘଟଣା ସ୍ଥଳରେ ରୋହିତ ଓ ତାଙ୍କ ଭାଇ ଅମୁଲ୍ୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ। ଏହା ଦେଖି ଗ୍ରାମର ପ୍ରଶାନ୍ତ ପାଳ ଓ ଅଶୋକ ଦାସ ପ୍ରତିବାଦ କରିବାରୁ ରକ୍ତ ମୁଖା ଚାରି ଭାଇ ଓ ବାପାଙ୍କ କବଳରୁ ସେମାନେ ମଧ ବର୍ତ୍ତି ନଥିଲେ। ଆହତ ମାନଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଆସିକା ଥାନାରେ ରୋହିତ ନାୟକ ଏକ ଲିଖିତ ଅଭିଯୋଗ କରିଥିଲେ। ଆସିକା ଥାନା କେସ ନମ୍ବର ୧୬୧/୨୬ରେ ପୋଲିସ ଏକ ମାମଲା ରୁଜୁକରି ଚନ୍ଦ୍ରମଣି ଡାକୁଆ ତାଙ୍କ ଚାରି ପୁଅ ସିଲୁ ଡାକୁଆ, ଜଗନ୍ନାଥ ଡାକୁଆ, ବଳରାମ ଡାକୁଆ, କାନ୍ହୁ ଚରଣ ଡାକୁଆକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

ମା' ଦଣ୍ଡକାଳୀଙ୍କ ମେରୁ ଯାତ୍ରା ଉଦ୍‌ଯାପିତ

ପୁରୁଷୋତ୍ତମପୁର,୧୪।୪(ଅନୁପମ ମିଡ଼ିଆ): ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ପ୍ରସିଦ୍ଧ ମା' ଦଣ୍ଡ କାଳୀଙ୍କ ଯାତ୍ରା ମଙ୍ଗଳବାର ମେଷ ସଂକ୍ରାନ୍ତି ବା ମେରୁ ଯାତ୍ରାରେ ଉଦ୍‌ଯାପିତ ହୋଇଛି । ଏନେଇ ପୁରୁଷୋତ୍ତମପୁର ସହରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଡୋଲ, ଝାଞ୍ଜ ସାଙ୍ଗକୁ କଳାରୁଦ୍ରମଣିଙ୍କୁ ଭଜହେ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଏଠାରେ ୩ଟି ଦଣ୍ଡ ଯାତ୍ରା ଦଳ ଧୋବା ପୁଞ୍ଜା, ଗୌଡ଼ ପୁଞ୍ଜା ଓ ବିପତ୍ତି ହାରିଣି ତେଲି ପୁଞ୍ଜା ଭାବେ ରହିଛନ୍ତି ।ଅନ୍ୟପକ୍ଷେ ମା' ଦଣ୍ଡକାଳୀଙ୍କ ଉଦ୍‌ଯାପନୀ ଅବସରରେ ହଜାର ହଜାର ଭକ୍ତ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା ପାଇ ଆସିଥିବା ଭକ୍ତଙ୍କ ନିମନ୍ତେ ପୁରୁଷୋତ୍ତମପୁର ଏନଏସିର ସମସ୍ତେ ଅଞ୍ଚଳ ରେ ପଣା ସଂକ୍ରାନ୍ତି ଅବସରରେ ବିଭିନ୍ନ ଜାଗାରେ ଶୋଷ ମେଣ୍ଟାଇବା ପାଇ ପଣାର ବ୍ୟବସ୍ଥା କରାଯାଇଥିବା ବେଳେ ପୁରୁଷୋତ୍ତମପୁର ଗୌଡ଼ କାଳୀ ମନ୍ଦିର କମିଟି ଏବଂ ଚାଁଗୁଡ଼ିଆପଦର ସାହି ଯୁବ ଗୋଷ୍ଠୀଙ୍କ ସହଯୋଗରେ ଭକ୍ତଙ୍କ ପାଇ ମାଗଣାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏଥିରେ କାଳୀ ମନ୍ଦିରର ଉପଦେଷ୍ଟା ରବୀନ୍ଦ୍ର ମହାରଣା ପ୍ରମୁଖ ଭୂମିକା ଥିବାବେଳେ କୋକିଳ ବେହେରା, ସମ୍ପାଦକ ଅଶୋକ କୁମାର ମହାଙ୍କୁଡ, ଈଶ୍ୱର ଗୌଡ଼ ପ୍ରମୁଖଙ୍କ ସାହାଯ୍ୟରେ ପ୍ରସାଦ ସେବନ ଆୟୋଜିତ ହୋଇଥିଲା। ଏଥିରେ ପୁରୁଷୋତ୍ତମପୁର ଆଇଆଇସି କୂଳମଣି ସେଠୀ, ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, ଅତିଥି ଭାବେ ଯୋଗଦେଇ ପ୍ରସାଦ ସେବାର ଶୁଭ ଉଦ୍‌ଯାପିତ କରାଯାଇଥିଲା । ମଧ୍ୟାହ୍ନର ଟାଣ ଖରାରେ ଧୂଳି ଦଣ୍ଡ କରାଯାଉଥିବା ବେଳେ ପୋଖରୀରେ ପାଣିଦଣ୍ଡ ଓ ରାତିରେ ଅଗ୍ନି ଦଣ୍ଡ ପରିବେଷଣ କରି ମାନସିକ ପୂରଣ କରିଥାନ୍ତି। ମେରୁ ଯାତ୍ରାରେ ମୁଖ୍ୟ ପାଟ ଭୁକ୍ତାଙ୍କୁ ଅଗ୍ନି କୁଣ୍ଡରେ ଲଟକାଇ ରଖାଯିବା ପରେ ଦଣ୍ଡ ଯାତ୍ରା ସମାପନ ହୋଇଥିଲା।

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ

ଛତ୍ରପୁର,୧୪।୪(ଅନୁପମ ମିଡ଼ିଆ): ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ନବବର୍ଷ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ଅପ୍ରେଲ ପହିଲାରୁ ଆରମ୍ଭ ହୋଇ ଦୁଇ ସପ୍ତାହ ଧରି ଚାଲିଥିବା ସରକାରଙ୍କ ''ଓଡିଆ ପକ୍ଷ'' ପର୍ବ ଓଡିଆ ଭାଷା, ସାହିତ୍ୟ, ଅସ୍ମିତା, ସଂସ୍କୃତି ଓ ସ୍ୱତନ୍ତ୍ରତାର ପୁନଃଜାଗରଣ ଓ ପୁନଃପ୍ରତିଷ୍ଠା କରିବାରେ ବହୁବିଧ ସକ୍ଷମ ହୋଇଛି ବୋଲି ଜେନା ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଡ୍ରୁଡା ସୁନୀଲ କୁମାର କେର୍କେଟା ଯୋଗଦେଇ ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ନେଇଆସୁ ବୋଲି କାମନା କରିବା ସହିତ ନିଜର ମାତୃଭୂମି, ମାତୃଭାଷା ଓ ସ୍ୱକୀୟ ସ୍ୱତନ୍ତ୍ରତାକୁ ନେଇ ସବୁବେଳେ ଆମେ ଗର୍ବ କରିବା ଉଚିତ ବୋଲି କହିଥିଲେ । ଏହି ଉତ୍ସବରେ ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ଓ ଓରମାସର ମିଳିତ ଆନୁକୂଲ୍ୟରେ ସ୍ୱାଦିଷ୍ଟ ପଣା ବଣ୍ଟନ କରାଯାଇଥିଲା

ମେରୁ ଉକୁଚା ପରେ ବ୍ରତ ଭାଙ୍ଗିଲେ ଦଣ୍ଡୁଆ ଭକ୍ତ

କବିସୂର୍ଯ୍ୟନଗର,୧୪।୪(ଅନୁପମ ମିଡ଼ିଆ): ଆଜି ଠାରୁ ଉଦଯାପିତ ହେଲା ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡଯାତ୍ରା । ଦୀର୍ଘ ୨୧ ଦିନ ଧାରୀ ଗ୍ରାମରୁ ଗ୍ରାମ ବୁଲି ମାଙ୍କ ସେବା କରିବା ପରେ ମହା ବିଷୁବ ସଂକ୍ରାନ୍ତି ତଥା ମେରୁ ସଂକ୍ରାନ୍ତିରେ ବ୍ରତ ଉଜାପନ କରିଛନ୍ତି ମାନସିକଧାରୀ ଦଣ୍ଡୁଆ। ଭୋରରୁ ହୋମ ଯଜ୍ଞ ପରେ ମାନସିକ ଧାରୀ ଦଣ୍ଡୁଆ ମାନେ ନଗର ପରିକ୍ରମା କରି ପୀଠ ନିକଟରେ ଧୂଳି ଦଣ୍ଡ ପରେ ପୋଖରୀରେ ପାଣି ଦଣ୍ଡ ଅନୁଷ୍ଠିତ ହେବା ସହ ମେରୁ କୁଣ୍ଡ ନିକଟରେ ମେରୁ ଉକୁଚା ପରେ ମାନସିକ ଧାରୀ ମାନେ ଜଳ ସ୍ପର୍ଶ କରିଥିଲେ। ତେବେ କବିସୂର୍ଯ୍ୟନଗର ସହରର ପରିଡା ପାର୍ଟି, ମାଝୀ ପାର୍ଟି, ଧୋବା ପାର୍ଟି ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଦଣ୍ଡ ଯାତ୍ର ଆଜି ଉଦଯାପନ ହୋଇଯାଇଛି । ବିଶେଷ କରି କବିସୂର୍ଯ୍ୟନଗର ସହର ର ତିନି ପାର୍ଟି ମନ୍ଦିର ଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ହଜାର ହଜାର ଶ୍ରଦ୍ଧାଳୁ ପୀଠରେ ମେରୁ ଉକୁଚା ଦେଖିବା ସହ ବ୍ରତ ପାଳନ କରିଛନ୍ତି । ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅନ୍ୟପଟେ ପ୍ରସିଦ୍ଧ ପଣା ଯାତ୍ରା ଅବସରରେ କବିସୂର୍ଯ୍ୟନଗର ସହର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଳିକି ଭେଳି ପଣା ବଣ୍ଟନ କରାଯାଇଛି।

କାର ସହ ଗଞ୍ଜେଇ ଜବତ, ଦୁଇ ମାଫିଆ ଗିରଫ

କ.ନୂଆଗାଁ,୧୪।୪(ଅନୁପମ ମିଡ଼ିଆ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସାରଙ୍ଗ ଗଡ ଥାନା ପୋଲିସର ପେଟ୍ରୋଲିଂ ଓ ଯାନ ବାହାନ ଯାଞ୍ଚ ବେଳେ କୁନ୍ଦାରି ନିକଟରେ କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ଉକ୍ତ ସ୍ଥାନରେ ପୋଲିସ ଦଳ ଗାଡ଼ିକୁ ଦେଖି ମାଫିଆ ମାନେ ଗଞ୍ଜେଇ ଗାଡିକୁ ଛାଡ଼ି ଜଙ୍ଗଲକୁ ଦୌଡ଼ୁଥିଲାବେଳେ ପୋଲିସ ଦୁଇ ଜଣ ମାଫିଆଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପୋଲିସ ଦଳ ତନଖି କରିବା ପରେ ସେଠାରେ ମାଜିଷ୍ଟ୍ରେଟ ଭାବେ କ.ନୂଆଗାଁ ତହସିଲର ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନଙ୍କ ଉପସ୍ଥିତିରେ ଉକ୍ତ ମାରୁତି ସୁଜୁକି କାର ନଂ (ଓଡ଼ି ୦୨ ବିସି ୪୪୬୮) ରେ ଥିବା ୨୦ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏ ସକ୍ରାନ୍ତରେ ସାରଙ୍ଗ ଗଡ଼ ଥାନାରେ ୬୫/୨୬ ରେ ଏକ ଏନଡିପିଏସ ମାମଲା ରୁଜୁ କରାଯାଇ ଦୁଇ ଗଞ୍ଜେଇ ମାଫିଆ ଫୁଲବାଣୀ ସଦର ଥାନା ଅନ୍ତର୍ଗତ କେରେଡିର ଅଚ୍ୟୁତା ନନ୍ଦ ରଣାର ପୁଅ ଆଶୁତୋଷ ରଣା (୩୧) ଓ କେନ୍ଦୁପଦରର ସୁଦର୍ଶନ ସାହାଣୀର ପୁଅ ରାଜୁ ସାହାଣୀ (୩୮) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସ୍ମିତା ଜେନା ପ୍ରକାଶ କରିଛନ୍ତି। ଉକ୍ତ ଗଞ୍ଜେଇ କାର ଜବତ କାର୍ଯ୍ୟରେ ଥାନାର ସେକେଣ୍ଡ ଅଫିସର ବାସୁଦେବ ସାହୁ, ଏସଆଇ ଅନୀଲ କୁମାର ପଲେଇ ଓ କୃଷ୍ଣ ଚନ୍ଦ୍ର ବେହେରା,ଏଏସଆଇ ଜି ଗଣପତି ରେଡ଼ି, ଚତୁର୍ଭୁଜ ମଲ୍ଲିକ ଓ ଦେବାଶିଷ ମହାପାତ୍ରଙ୍କ ସମେତ ଥାନାର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

Phone No.:/ Fax No.: 0680-2233996
E-mail : sernb2.ganjam@gmail.com

OFFICE OF THE SUPERINTENDING ENGINEER, GANJAM (R&B) DIVISION NO-II, BERHAMPUR
GOVERNMENT OF ODISHA
Quotation Notices
Short Auction sale Notice No. 01 of 2026-27

Ltr. No.4276 / Dated.10.04.2026

1. Name of the work : Demolition of existing old building inside premises of Old Collectorate building for the proposed New Collectorate building at Chatrapur.
2. Reserve Price (Excluding GST) : i) Rs.37,60,557.00
3. EMD to be deposited (In shape as N.S.C / Post Office savings bank account / Post office time deposit account / Kisan Viskas Patra / Bank Guarantee) : i) Rs.9,40,200.00
4. Period of Completion : 1 (One) Calendar Month
5. Receipt of Quotation : 18.04.2026 to 28.04.2026 up to 5.00 pm
6. Date & Time of Opening of Quotation. : 29.04.2026 at 11.30 A.M
7. Name and address of the Officer inviting Quotation : Superintending Engineer, Ganjam (R&B) Division No-II, Berhampur.
8 Submission of Quotation : The quotation should submit in sealed cover by personal delivery in the box placed for the purpose in the office of the undersigned / Registered Post / Speed Post during working hours
9 Any other information can be heard during working office hours.

Sd/-
Superintending Engineer
Ganjam (R&B) Division No-II

OIPR-34001/55/2627

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ **www.coalindia.in**/ ସମ୍ପୃକ୍ତ ସହାୟକ କମ୍ପାନୀ (**MCL**, **www.mahanadicoal.in**), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ **https://coalindiatenders.nic.in** ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ **https://eprocure.gov.in** ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM **portal** **https://gem.gov.in** ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ ।"

R-5295

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.**WAT-TRD-61-25-26**
ତା.**09.04.2026**ରିଖ

ସ୍ଥାନ ସହିତ କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର ବିଭିନ୍ନ ଟ୍ରାକ୍ସନ ସବ୍-ଷ୍ଟେସନରେ ଟ୍ରାକ୍ସନ ଟ୍ରାନ୍ସଫର୍ମରଗୁଡ଼ିକର ଅଗ୍‌ମେଣ୍ଟେସନ କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): ₹ **1,40,33,294.56**, EMD (ଟଙ୍କାରେ): ₹ **2,80,700/-**, କାର୍ଯ୍ୟ ଶେଷ ହେବା ଅବଧି : **11** ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.**04.05.2026** ରିଖ **1500** ଘଟିକାରେ ।

ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(**TRD**), ୱାଲ୍ଟିୟର

PR-42/R/26-27

ପୂର୍ବ ତଟ ରେଳପଥ

(1) ବିଜ୍ଞପ୍ତି ସଂ. **eT-North-WAT-13-2026** ତା.**04.04.2026**ରିଖ

କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର କୋରାପୁଟ-ରାୟଗଡ଼ା ଲାଇନରେ ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ଅଧିନରେ ସିନିୟର ସେକ୍ସନ ଇଞ୍ଜିନିୟର (**P-WAY**)/ଲକ୍ଷ୍ମୀପୁର ପରିସୀମା ଅଧିନସ୍ଥ କୋରାପୁଟ (ବ୍ୟତୀତ) ଠାରୁ ଟିକିରି (ବ୍ୟତୀତ) ଷ୍ଟେସନ ମଧ୍ୟରେ ସମସ୍ତ ୟାର୍ଡ ଲାଇନର ୟାର୍ଡ ଉନ୍ନତିକରଣ / ଉନ୍ନୟନ ସମ୍ବନ୍ଧୀୟ ବିଭିନ୍ନ ୟାର୍ଡରେ ସାଇଡ୍ ଡ୍ରେନ୍‌ଗୁଡ଼ିକର ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ **5,45,11,690.67**, **EMD :** ₹ **10,90,200/-**

(2) ବିଜ୍ଞପ୍ତି ସଂ. **eT-North-WAT-14-2026** ତା.**04.04.2026**ରିଖ

କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର କୋରାପୁଟ-ରାୟଗଡ଼ା ଲାଇନରେ ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ଅଧିନରେ ସିନିୟର ସେକ୍ସନ ଇଞ୍ଜିନିୟର (**P-WAY**)/ଟିକିରି ପରିସୀମା ଅଧିନସ୍ଥ ଟିକିରି (ଅନ୍ତର୍ଭୁକ୍ତ) ଠାରୁ ସିଙ୍ଗାପୁର ରୋଡ୍ (ବ୍ୟତୀତ) ଷ୍ଟେସନ ମଧ୍ୟରେ ସମସ୍ତ ୟାର୍ଡ ଲାଇନର ୟାର୍ଡ ଉନ୍ନତିକରଣ / ଉନ୍ନୟନ ସମ୍ବନ୍ଧୀୟ ବିଭିନ୍ନ ୟାର୍ଡରେ ସାଇଡ୍ ଡ୍ରେନ୍‌ଗୁଡ଼ିକର ନିର୍ମାଣ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ **8,71,42,411.77**, **EMD :** ₹ **17,42,900/-**

(3) ବିଜ୍ଞପ୍ତି ସଂ. **eT-North-WAT-15-2026** ତା.**04.04.2026**ରିଖ

କାର୍ଯ୍ୟର ନାମ : ୱାଲ୍ଟିୟର ମଣ୍ଡଳର ରାୟପୁର-ବିଜୟନଗରମ ଲାଇନରେ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧିନରେ ଯାନ୍ତ୍ରିକ କ୍ରସର ବ୍ୟବହାର କରି ଠିକାଦାରଙ୍କ **20000** ଘନ ମିଟର କଠିନ ପଥରକୁ ଭାଙ୍ଗି **50 mm** ଗଜ୍‌ରେ ପରିଣତ କରି (ସ୍ପେସିଫିକେସନ ଅନୁସାରେ) ରାୟଗଡ଼ା ଡିପୋକୁ ପରିବହନ କରିବା, ଭୂମିକୁ ସଫା କରିବା ସହିତ ଲେଭେଲ୍ ଗ୍ରାଉଣ୍ଡରେ ଖଲାସ କରିବା ଏବଂ ଗଦା ମାରିବା ତଥା ସେଗୁଡ଼ିକୁ ରାୟଗଡ଼ା ଡିପୋରେ ଥିବା ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ **3,13,00,000.00**, **EMD :** ₹ **6,26,000/-**

କାର୍ଯ୍ୟ ଶେଷ ହେବା ଅବଧି : **12** (ବାର) ମାସ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ) ।

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : 28.04.2026, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର

PR-30/R/26-27

ବିଜ୍ଞାପନ

ଆମ୍ଭର ମହକିଲ ଏଲ୍.ଆଇ.ସି. ହାଉସିଂ ଫାଇନାନ୍ସ ଲିଃ., କଟକଙ୍କ ତରଫରୁ ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆମ୍ଭର ମହକିଲ, **ଶ୍ରୀମତୀ ବି. ନନ୍ଦିନୀ,** ସ୍ୱାମୀ: ବି. ବିଜୟ କୁମାର, ମୁଣ୍ଡମାଳ, ଡାକ/ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ବର୍ତ୍ତମାନ ଠିକଣା- ଓଟିଏମ୍ ଲେବର କଲୋନୀ, ଡାକ/ଥାନା: ଚୌଦ୍ୱାର, ଜିଲ୍ଲା: କଟକଙ୍କୁ ଗୃହଋଣ ଦେବା ପାଇଁ କଟକ ଜିଲ୍ଲା ଅନ୍ତର୍ଗତ ଟାଙ୍ଗି ଚୌଦ୍ୱାର ତହସିଲର ମୁଣ୍ଡମାଳ ମୌଜାରେ ଥିବା ଖାତା ନଂ.: ୧୮୨/୬୧୭, ପ୍ଲଟ୍ ନଂ.: ୧୩୪/୧୦୧୬, ରକବା ୦.୦୬୦ଡିସିମିଲି ସମ୍ପତ୍ତିକୁ ଗୃହଋଣ ନିମନ୍ତେ ବନ୍ଧକ ରଖିବାକୁ ଯାଉଛନ୍ତି । ଉକ୍ତ ସମ୍ପତ୍ତି ତାଙ୍କ ନାମରେ ରହିଅଛି । ଏହାର ପୂର୍ବ ଖାତା ନଂ.: ୧୮୨/୫୧୧ ଅଟେ । ସୁଲୋଚନା ଜେନାଙ୍କ ଦ୍ୱାରା ସମ୍ପାଦିତ ଓ ବିଭୁତି ଭୂଷଣ ଦାସଙ୍କ ସପକ୍ଷରେ ତା୧୨.୦୬.୨୦୧୯ରେ ହୋଇଥିବା ଅରିଜିନାଲ ବିକ୍ରୟ କବଲା ନଂ. ୧୦୪୩୧୯୦୧୫୫୦ କେଉଁଠି ହଜିଯାଇଛି । ଉକ୍ତ କବଲା ଉପରୋକ୍ତ ସମ୍ପତ୍ତି ସମ୍ପର୍କୀୟ ଅଟେ । ତେଣୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଯଦି କେହି ଉକ୍ତ ଡକ୍ୟୁମେଣ୍ଟ ସମ୍ବନ୍ଧରେ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ତେବେ, ଆସନ୍ତା **୧୫ (ପନ୍ଦର)** ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବେ ଅନ୍ୟଥା କାହାରି ଅଭିଯୋଗ ବି. ନନ୍ଦିନୀ ଓ ଏଲଆଇସି ହାଉସିଂ ଫାଇନାନ୍ସ ଲିଃ., କଟକଙ୍କ ଗ୍ରହଣଯୋଗ୍ୟ ହେବ ନାହିଁ।

ସ୍ୱା/- **ଉମାକାନ୍ତ ମିଶ୍ର, ଓକିଲ**
କଟକ ଫୋନ୍ ନଂ.: ୯୪୩୭୩୧୪୮୧୬
ତାରିଖ: ୧୪.୦୪.୨୦୨୬ ଏଲଆଇସି ହାଉସିଂ ଫାଇନାନ୍ସ ଲିଃ., ଲିଙ୍କ୍ ରୋଡ୍, କଟକ

ବିଜ୍ଞାପନ

ଆମ୍ଭର ମହକିଲ ଏଲ୍.ଆଇ.ସି. ହାଉସିଂ ଫାଇନାନ୍ସ ଲିଃ., ଯାଜପୁର ରୋଡ୍‌ଙ୍କ ତରଫରୁ ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆମ୍ଭର ମହକିଲ, **ଟୁକନ ମଲିକ,** ପିତା: ଇନ୍ଦ୍ରମଣି ମଲିକ, ଗ୍ରାମ: ତଣ୍ଡରା, ଡାକ: ବଡ଼ବିରୁଆଁ, ଥାନା: ପାଣିକୋଇଲି ଓ ଜିଲ୍ଲା: ଯାଜପୁରଙ୍କୁ ଗୃହଋଣ ଦେବା ପାଇଁ ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅନ୍ତର୍ଗତ କୋପଣ୍ଡ ମୌଜାରେ ଥିବା ଖାତା ନଂ.: ୫୪୨/୮୯୩, ପ୍ଲଟ୍ ନଂ.: ୧୪୫୫/୨୨୦୨, ରକବା୦.୦୩୨ଡିସିମିଲି ଓ ଖାତା ନଂ.: ୫୪୨/୮୯୨, ପ୍ଲଟ୍ ନଂ.: ୧୪୫୭/୨୨୦୧, ରକବା ୦.୦୪୮ଡିସିମିଲି ସମ୍ପତ୍ତିକୁ ଗୃହଋଣ ନିମନ୍ତେ ବନ୍ଧକ ରଖିବାକୁ ଯାଉଛନ୍ତି । ଉକ୍ତ ସମ୍ପତ୍ତି ତାଙ୍କ ନାମରେ ରହିଅଛି । ଏହାର ପୂର୍ବ ଖାତା ନଂ.: ୫୪୨/୧୭୮ ଓ ୫୪୨/୧୭୯ ଅଟେ । ନାରାୟଣ ପ୍ରସାଦ ପତିଙ୍କ ଦ୍ୱାରା ସମ୍ପାଦିତ ଓ ନିର୍ମଳ ଚନ୍ଦ୍ର ଦାସଙ୍କ ସପକ୍ଷରେ ତା୦୧.୧୨.୨୦୦୬ରେ ହୋଇଥିବା ଅରିଜିନାଲ ବିକ୍ରୟ କବଲା ନଂ. ୩୬୩୦ କେଉଁଠି ହଜିଯାଇଛି । ଉକ୍ତ କବଲା ଉପରୋକ୍ତ ସମ୍ପତ୍ତି ସମ୍ପର୍କୀୟ ଅଟେ । ତେଣୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଯଦି କେହି ଉକ୍ତ ଡକ୍ୟୁମେଣ୍ଟ ସମ୍ବନ୍ଧରେ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ତେବେ, ସେ ଆସନ୍ତା **୧୫ (ପନ୍ଦର) ଦିନ** ମଧ୍ୟରେ ତଳ ଲିଖିତ ଠିକଣାରେ ଜଣାଇବେ ଅନ୍ୟଥା କାହାରି ଅଭିଯୋଗ ଟୁକନ ମଲିକ ଓ ଏଲଆଇସି ହାଉସିଂ ଫାଇନାନ୍ସ ଲିଃ., ଯାଜପୁର ରୋଡ୍‌ଙ୍କ ଗ୍ରହଣଯୋଗ୍ୟ ହେବ ନାହିଁ।

ସ୍ୱା/- **ଉମାକାନ୍ତ ମିଶ୍ର, ଓକିଲ**
ଯାଜପୁର ରୋଡ୍ ଫୋନ୍ ନଂ.: ୯୪୩୭୩୧୪୮୧୬
ତାରିଖ: ୧୪.୦୪.୨୦୨୬ ଏଲଆଇସି ହାଉସିଂ ଫାଇନାନ୍ସ ଲିଃ., ଯାଜପୁର ରୋଡ୍

ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀରେ ପୁଷ୍ପମାଲ୍ୟ ଅର୍ପଣ

ରମ୍ଭା,୧୪।୪(ଅନୁପମ ମିଡ଼ିଆ): ଭାରତ ରତ୍ନ ବିଶ୍ୱ ଜ୍ଞାନ ପୁରୁଷ ତଥା ସମ୍ବିଧାନ ପ୍ରାଣ ପ୍ରତିଷ୍ଠାତା ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଆଜି ରମ୍ଭା ଠାରେ ୧୩୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଆମ୍ବେଦକର ଶ୍ରମିକ ୟୁନିୟନ ସଂଘ ଉପସଭାପତି ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ଆନୁକୂଲ୍ୟରେ ପୁଷ୍ପମାଲ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ବେହେରା, ଶିକ୍ଷକ ସମୀର ଅଧିକାରୀ, ଅଭିରାମ ପ୍ରଧାନ, ରାଜେନ୍ଦ୍ର ସେଠି, ଆମ୍ବେଦକର ଚିନ୍ତାଧାରା ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ କରିବା ସାଙ୍ଗକୁ ଆମ୍ବେଦକର ଅମର ରହେ ସ୍ଲୋଗାନ କରିଥିଲେ। ଆଗାମୀ ଦିନରେ ଗ୍ରାମେ ଗ୍ରାମେ ପ୍ରତିମୂର୍ତ୍ତି ତିଆରି ହୋଇ ପଛୁଆ, ଦଳିତ ଉନ୍ନତି ପାଇଁ ସ୍ୱର ଶାଣିତ ପାଇଁ ବଜ୍ର ଶପଥ ନେଇଥିଲେ।

ସୁରେନ୍ଦ୍ର କୁମାର ସାହୁ ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସର ସାଧାରଣ ସମ୍ପାଦକ

ରମ୍ଭା,୧୪।୪(ଅନୁପମ ମିଡ଼ିଆ): କର୍ମଠ, ନୀତି ଆଦର୍ଶ, ସୁ ସଂଗଠକ, ଉଚ୍ଚ ଶିକ୍ଷିତ, ଶୃଙ୍ଖଳିତ କର୍ମୀ ତଥା ସମସ୍ତଙ୍କ ପ୍ରିୟପାତ୍ର ସାବୁଲିଆ ଗ୍ରାମ ପଞ୍ଚାୟତର ସୁରେନ୍ଦ୍ର କୁମାର ସାହୁଙ୍କୁ ଗଞ୍ଜାମ ଜିଲ୍ଲା (ପଶ୍ଚିମ)ର କଂଗ୍ରେସର ସାଧାରଣ ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି। ଖବର ପ୍ରସାରିତ ହେବା ପରେ ଶୁଭେଚ୍ଛୁ ପ୍ରିୟଜନ, ଆତ୍ମୀୟ ସ୍ୱଜନ, ପରିଜନ ଓ ସମର୍ଥକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ସାହୁ ଗଣମାଧ୍ୟମ ନିକଟରେ ନିଜ ବକ୍ତବ୍ୟ ମାଧ୍ୟମରେ ସନ୍ତୁଷ୍ଟ ଓ ଅସନ୍ତୁଷ୍ଟ ଦଳୀୟ କର୍ମୀ ମାନଙ୍କୁ ଏକାଠି କରି ଦଳର ନୀତି ଆଦର୍ଶରେ ଚାଲିବି ଓ ଦଳକୁ ମଜବୁତ କରିବେ ବୋଲି ପ୍ରକାଶ କରିଛନ୍ତି । ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପଶ୍ଚିମ)ର ସଭାପତି ଦଣ୍ଡପାଣି ପାତ୍ର ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାଶ, ବିଶ୍ୱଜିତ ତରାଇ, ଭୋକଲ ସେଠି, ମେଘନାଦ ଦଳେଇ, ସମେତ ସମସ୍ତ ଦଳୀୟ ନେତାଙ୍କୁ ସାହୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଗୋପାଳପୁର ବନ୍ଦରରେ ଜାତୀୟ ଅଗ୍ନିଶମ ସପ୍ତାହ

ଛତ୍ରପୁର,୧୪।୪(ଅନୁପମ ମିଡ଼ିଆ): ଆଜି ଠାରୁ ଗୋପାଳପୁର ବନ୍ଦର ପରିସରରେ ୮୨ତମ ଜାତୀୟ ଅଗ୍ନିଶମ ସପ୍ତାହ ପାଳନ ଶୁଭାରମ୍ଭ ହୋଇଯାଇଛି। ପୋର୍ଟ ମୁଖ୍ୟ ପ୍ରଶାନ୍ତ ପାତ୍ର ଏବଂ ଅନ୍ୟମାନେ ୧୯୪୪ ବମ୍ବେ ବନ୍ଦରରେ ସହୀଦ ହୋଇଥିବା ଅଗ୍ନିଶମ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସାପ୍ତାହିକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଅଗାମି ସପ୍ତାହରେ ଅଂଚଳର ବିଭିନ୍ନ ସ୍କୁଲ, କଲେଜ ଏବଂ ହସ୍ପିଟାଲରେ ଅଗ୍ନିଶମ ସଚେତନତା କାର୍ଯ୍ୟକ୍ରମ ସହିତ ଜିଲ୍ଲା ଅଗ୍ନିଶମ ବିଭାଗ ଓ ପୋର୍ଟ ର ମିଳିତ ଭାବେ ଏକ ମକ ଡ୍ରିଲ ମାଧ୍ୟ ଆୟୋଜନ କରିଯିବା ବୋଲି ଅଗ୍ନିଶମ ସୁରକ୍ଷା ବିଭାଗ ମୁଖ୍ୟ ସିଦ୍ଧାର୍ଥ ଦ୍ୱିବେଦୀ ସୂଚନା ପ୍ରଦାନ କରିଛନ୍ତି।

ଗଞ୍ଜାମ ବ୍ଲକ ପକ୍ଷରୁ ପାରମ୍ପରିକ ଖାଦ୍ୟ ଦିବସ

ଗଞ୍ଜାମ,୧୪।୪(ଅନୁପମ ମିଡ଼ିଆ): ଗଞ୍ଜାମ ବ୍ଲକ୍ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ବନ୍ଦନୀୟ ବରପୁତ୍ର ଦିବସ ପାଳିତ ହୋଇ ଯାଇଛି । ଗତ କାଲି ଛତ୍ରପୁରଠାରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ମହା ସମାରୋହରେ ପାଳିତ ହୋଇ ଥିଲା ଓ ସେଥିରେ ବିଭିନ୍ନ ବ୍ଲକରୁ ସାରସ୍ୱତ ଓ ସାଂସ୍କୃତିକ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ବ୍ଲକରେ ଆଜି ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ମାଧ୍ୟମରେ ସମ୍ପନ୍ନ ହୋଇଛି । ଏହା ସାଙ୍ଗକୁ ଓଡ଼ିଆ ପକ୍ଷର ଆମ ଓଡ଼ିଆ ପାରମ୍ପରିକ ଖାଦ୍ୟ ଦିବସ ମଧ୍ୟ ପାଳିତ ହୋଇ ଯାଇଛି । ଏଥିରେ ସାନ ରାମଚନ୍ଦ୍ରପୁର, ସନ୍ତୋଷପୁର, ରାମଗଡ଼ ଆଦି ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନେ ବିଭିନ୍ନ ଓଡ଼ିଆ ରୁଚିର ଖାଦ୍ୟ ଓ ପିଠା ପଣା ପ୍ରସ୍ତୁତ କରି ଷ୍ଟଲ୍ ଖୋଲି ଅତିଥି ମାନଙ୍କୁ ବଣ୍ଟନ କରିଥିଲେ ।

ଭୀମ ଆର୍ମି ପକ୍ଷରୁ ଆମ୍ବେଦକର ଜୟନ୍ତୀ ସମାରୋହ

ମୋହନା,୧୪।୪(ଅନୁପମ ମିଡ଼ିଆ): ସ୍ୱେଚ୍ଛାସେବୀ ସଂଗଠନ ଭୀମ ଆର୍ମି ପକ୍ଷରୁ ମୋହନା ହାଇସ୍କୁଲ ପଡିଆ ଠାରେ ଜିଲ୍ଲା ସ୍ତରୀୟ ଆମ୍ବେଦକର ଜୟନ୍ତୀ ମହାସମାରୋହରେ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବାଞ୍ଚଳ ପ୍ରଭାରୀ ନିହାର ରଂଜନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜୀବନ ଭୋଇ, ଲିଟୁ ଦାସ, ଦୁଃଖିଶ୍ୟାମ ବେହେରା, ଜିଲ୍ଲା ସଭାପତି ଅନଶଲାମ ନାୟକ, ଅବ୍ରହାମ ଗମାଙ୍ଗ, ପଲ୍ଲ କୁମାର ଲିମା, ଆଦିବାସୀ ନେତା ବାଲେଣ୍ଟିନ ମାଝୀ, ସମାଜସେବୀ ଲିଭିଂଷ୍ଟୋନ ଗମାଙ୍ଗ, ଫାଦର ମାଲକାଶ ବୀର, ଇଷାକ ମଣ୍ଡଳ, ସିଷ୍ଟର ଟିକିନା ପରିଡା, ଶ୍ରୀକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଦଳିତ ମାନଙ୍କ ପାଇଁ ଡ଼.ଭୀମାରାଓ ଆମ୍ବେଦକରଙ୍କ ଅବଦାନକୁ ସ୍ମରଣ କରିଥିଲେ । ଦଳିତ ମାନେ କିପରି ସମାଜରେ ଉପଯୁକ୍ତ ନ୍ୟାୟ ପାଇବେ, ସବୁ କ୍ଷେତ୍ରରେ ସେମାନଙ୍କ ଉର୍ନ୍ନତି ଘଟିବ ସେଥିପାଇଁ ସମସ୍ତଙ୍କ ଉଦ୍ୟମ ଜାରି ରଖାଯିବ ସହ ସଂଗଠନକୁ ଅଧିକ ମଜବୁତ କରିବାପାଇଁ ଆହ୍ୱାନ ଦିଆଯାଇଥିଲା । ଏହି ସମାରୋହରେ ଅଧିକାଂଶ ଯୁବକ ଯୁବତୀ ଯୋଗଦେଇଥିଲେ ।

ଦଳିତ ସହାୟକ ସଂଗଠନ ପକ୍ଷରୁ ଡ଼ଃ ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତି ମହାସମାରୋହ ପାଳିତ

ଛତ୍ରପୁର,୧୪।୪(ଅନୁପମ ମିଡ଼ିଆ): ଭାରତ ସମ୍ବିଧାନର ପ୍ରଣେତା ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ଦଳିତ ସହାୟକ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଛତ୍ରପୁର ଲୋୟାର ବସଷ୍ଟାଣ୍ଡ ଠାରେ ବାବା ସାହେବ ଆମ୍ବେଦକରଙ୍କ ସ୍ମୃତି ଚାରଣ କରାଯିବାସହ ସଂଗଠନ ପକ୍ଷରୁ ଶ୍ରମିକ ଓ ଦଳିତ ମାନଙ୍କ ହିତ ନିମନ୍ତେ ବିଭିନ୍ନ ଦାବି ସଂପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା । ଲୋଏର ବସ ଷ୍ଟାଣ୍ଡ ଠାରେ ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥାପନ ଏକ ଭନ ନିର୍ମାଣ ସକାଶେ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଏଥିରେଦଳିତ ସହାୟକ ସଂଗଠନ ର ସଭାପତି କାଲୁ ଚାରଣ ନାୟକ, ଶ୍ରୀହରି ନାୟକ, ଯୁଗଳ କିଶୋର ବେହେରା, ଏନ. ମଧୁସୂଦନଙ୍କ ସମେତ ସଂଗଠନର ବହୁ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।